**EHI-07/BHIE-107**
ଇ.ଏଚ୍.ଆଇ-୦୭/ବି.ଏଚ୍.ଆଇ.ଇ-୧୦୭

# ସ୍ନାତକ ଡିଗ୍ରୀ କାର୍ଯ୍ୟକ୍ରମ
## (ବିଡ଼ିପି)

## ଆସାଇନ୍‌ମେଣ୍ଟ (ପ୍ରଦତ୍ତ କାର୍ଯ୍ୟ)
(ଜୁଲାଇ ୨୦୧୭ ଏବଂ ଜାନୁୟାରୀ ୨୦୧୮ ଶିକ୍ଷାବର୍ଷ ପାଇଁ)

କୋର୍ସକୋଡ : ଇଏଚ୍‌ଆଇ-୦୭/ବି.ଏଚ୍.ଆଇ.ଇ-୧୦୭
କୋର୍ସ ନାମ : ଆଧୁନିକ ଇଉରୋପ
ମଧ୍ୟ ୧୮ଶରୁ ମଧ୍ୟ ୨୦ଶ ଶତାବ୍ଦୀ ପର୍ଯ୍ୟନ୍ତ

ignou
THE PEOPLE'S UNIVERSITY

ଇତିହାସ ବିଭାଗ
ସାମାଜିକ ବିଜ୍ଞାନ ବିଦ୍ୟାପୀଠ
ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ
ମଇଦାନ ଗଡ଼ି, ନୂଆଦିଲ୍ଲୀ - ୧୧୦୦୬୮

## (ପ୍ରଦତ୍ତ କାର୍ଯ୍ୟ)
## ୨୦୧୭-୨୦୧୮

ପ୍ରିୟ ଶିକ୍ଷାର୍ଥୀ,

ସ୍ନାତକ ଡ଼ିଗ୍ରୀ କାର୍ଯ୍ୟକ୍ରମର **'କାର୍ଯ୍ୟକ୍ରମ ମାର୍ଗଦର୍ଶିକା'** ଅନୁଯାୟୀ ଆପଣଙ୍କୁ ଏହି ପାଠ୍ୟକ୍ରମ ପାଇଁ ଗୋଟିଏ ଟ୍ୟୁଟର ମାର୍କଡ ଆସାଇନ୍‌ମେଣ୍ଟ (କାଉନ୍‌ସେଲରମାନଙ୍କ ଦ୍ୱାରା ମୂଲ୍ୟାୟନ କରାଯାଉଥିବା ଆସଇନ୍‌ମେଣ୍ଟ) କରିବାକୁ ହେବ ।

ପ୍ରଦତ୍ତ କାର୍ଯ୍ୟର ଉତ୍ତର ଲେଖିବା ପୂର୍ବରୁ, ମାର୍ଗଦର୍ଶିକାରେ ଦର୍ଶାଯାଇଥିବା ସୂଚନାକୁ ଅଧ୍ୟୟନ କରନ୍ତୁ ।

| ନାମଲେଖା ଶିକ୍ଷାବର୍ଷ | ଦାଖଲର ଶେଷ ତାରିଖ | କେଉଁଠିକୁ ପଠାଇବେ |
|---|---|---|
| ଆସାଇନ୍‌ମେଣ୍ଟ-୧ (ଟି.ଏମ୍.ଏ) ଜୁଲାଇ ୨୦୧୭ ଶିକ୍ଷାବର୍ଷର ଛାତ୍ର / ଛାତ୍ରୀମାନଙ୍କ ପାଇଁ | ୩୧.୦୩.୨୦୧୮ | ଆପଣଙ୍କ ଅଧ୍ୟୟନ କେନ୍ଦ୍ରର ସଂଯୋଜକ |
| ଆସାଇନ୍‌ମେଣ୍ଟ-୧ (ଟି.ଏମ୍.ଏ) ଜାନୁୟାରୀ ୨୦୧୮ ଶିକ୍ଷାବର୍ଷର ଛାତ୍ର / ଛାତ୍ରୀମାନଙ୍କ ପାଇଁ | ୩୦.୦୯.୨୦୧୮ | ଆପଣଙ୍କ ଅଧ୍ୟୟନ କେନ୍ଦ୍ରର ସଂଯୋଜକ |

ପ୍ରଶ୍ନର ଉତ୍ତର କରିବା ପୂର୍ବରୁ ନିମ୍ନୋକ୍ତ ମାର୍ଗ ସୂଚନାକାରୀ ନିୟମଗୁଡ଼ିକୁ ପଢ଼ନ୍ତୁ ।

### ଆସାଇନ୍‌ମେଣ୍ଟ ଲେଖିବା ପାଇଁ ମାର୍ଗସୂଚନା

ଆସାଇନ୍‌ମେଣ୍ଟର ଉତ୍ତର ଲେଖିବା ପୂର୍ବରୁ ନିମ୍ନ ନିୟମଗୁଡ଼ିକୁ ମନରେ ରଖନ୍ତୁ । ସାମାଜିକ ବିଜ୍ଞାନ / ଇତିହାସ ପ୍ରଶ୍ନର ଉତ୍ତର ଲେଖିବା ବେଳେ (କ) ଯୋଜନା କରନ୍ତୁ, (ଖ) ଚୟନ କରନ୍ତୁ, (ଗ) ଉପସ୍ଥାପନ କରନ୍ତୁ (ଘ) ବ୍ୟାଖ୍ୟା କରନ୍ତୁ ।

କ) ଯୋଜନା : ପ୍ରଶ୍ନରେ କ'ଣ ପଚରାଯାଇଛି, ଭଲଭାବେ ଭାବି ନିଅନ୍ତୁ । ପ୍ରଶ୍ନପତ୍ରର ବିଭିନ୍ନ ବିଭାଗକୁ ଯତ୍ନସହକାରେ ପଢ଼ିନିଅନ୍ତୁ । ଯଦି କିଛି ଅତିରିକ୍ତ ପାଠ୍ୟ ସାମଗ୍ରୀ ଆବଶ୍ୟକ କରୁଛନ୍ତି, ଏହାକୁ ଲାଇବ୍ରେରୀରେ ପାଇବାକୁ ଚେଷ୍ଟା କରନ୍ତୁ । ପ୍ରଶ୍ନଟି କେତେ ଶବ୍ଦର ଉତ୍ତର ପାଇଁ ଉଦ୍ଦିଷ୍ଟ ଦେଖନ୍ତୁ (୧) ୫୦୦ ଶବ୍ଦ କିମ୍ବା (୨) ୨୫୦ ଶବ୍ଦ କିମ୍ବା (୩) ୧୦୦ ଶବ୍ଦ । ପ୍ରଥମ ଓ ଦ୍ୱିତୀୟଟି ପାଇଁ ମନ୍ତବ୍ୟ ସହିତ ଆପଣଙ୍କୁ ବର୍ଣ୍ଣନା କରିବାକୁ ହେବ । ତୃତୀୟଟି ପାଇଁ ଆପଣଙ୍କୁ ଆବଶ୍ୟକ ତଥ୍ୟ ନେଇ ତାହାକୁ ସଂକ୍ଷେପରେ ସଜାଇବାକୁ ହେବ ।

ଖ) ଚୟନ : ଏହାର ଅର୍ଥ ପ୍ରଶ୍ନର ଉତ୍ତର ପାଇଁ ଆପଣଙ୍କ ପାଠ୍ୟ ସାମଗ୍ରୀରୁ ଗୁରୁତ୍ୱପୂର୍ଣ୍ଣ ପାଠକୁ ଚୟନ କରିବାକୁ ହେବ । ଏଥିପାଇଁ

(୧) ପ୍ରାସଙ୍ଗିକ ସାମଗ୍ରୀକୁ ଟିପିରଖନ୍ତୁ ।

(୨) ସେଗୁଡ଼ିକୁ ଭଲଭାବରେ ନିରୀକ୍ଷଣ କରନ୍ତୁ । ଯେଉଁ ସୂଚନା ପ୍ରଶ୍ନର ଉତ୍ତର ସମ୍ପର୍କିତ ନୁହେଁ, ସେଗୁଡ଼ିକୁ ବାଦ୍ ଦିଅନ୍ତୁ ।

(୩) ଏକ ପ୍ରଥମ ଚିଠା ପ୍ରସ୍ତୁତ କରନ୍ତୁ । ଏଥିରୁ ଆପଣ ଜାଣିପାରିବେ କେଉଁ ତଥ୍ୟକୁ ଆପଣ ଉଲ୍ଲେଖ କରିବାକୁ ଚାହୁଁଛନ୍ତି ବା ବାଦ୍ ଦେବାକୁ ଚାହୁଁଛନ୍ତି । ଆପଣଙ୍କ ଯୋଜନାକୁ ଏକ ବାସ୍ତବ ରୂପ ଦେବାରେ ଏହା ସହାୟକ ହେବ ।

ଗ) ଉପସ୍ଥାପନ : ବର୍ତ୍ତମାନ ଏକ ଦ୍ୱିତୀୟ ଚିଠା ପ୍ରସ୍ତୁତ କରନ୍ତୁ, ଆପଣଙ୍କ ଚିନ୍ତାଧାରାକୁ ତୀକ୍ଷ୍ଣ ଓ ସ୍ପଷ୍ଟଭାବେ ଉଲ୍ଲେଖ କରିବା ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ । ଏହାଦ୍ୱାରା ଆପଣ ଏକ ଧାରଣା ପାଇବେ ଯେ ସୀମିତ ଶବ୍ଦ ମଧ୍ୟରେ ଆପଣ କ'ଣ କରିବାକୁ ଚାହାଁନ୍ତି ।

ଏକ ତୃତୀୟ ତଥା ଚୂଡ଼ାନ୍ତ ଚିଠା ପ୍ରସ୍ତୁତ କରନ୍ତୁ । ସୀମିତ ଶବ୍ଦ ମଧ୍ୟରେ ଆପଣ କ'ଣ କହିବାକୁ ଚାହାଁନ୍ତି, ତାହା ସେଥିରେ ଉଲ୍ଲେଖ କରିଛନ୍ତି କିମ୍ବା କରିନାହାଁନ୍ତି, ତାହା ଆପଣ ଦେଖିପାରିବେ ।

ଘ) ବ୍ୟାଖ୍ୟା : ଇତିହାସ ଲେଖାରେ ବ୍ୟାଖ୍ୟା କରିବା ଏକ ସ୍ଥିର ପ୍ରକ୍ରିୟା । ଆପଣଙ୍କ ଯୋଜନା ଓ ଚୟନରେ ଏହା ପ୍ରତିଫଳିତ ହୋଇସାରିଥାଏ । 'ହୁଏତ', 'କାରଣ', 'ହୋଇପାରେ' ଇତ୍ୟାଦି ବାକ୍ୟାଂଶ ସହିତ ବିସ୍ମୟ ସୂଚକ ମନ୍ତବ୍ୟ ବ୍ୟାଖ୍ୟାର ଉପାଦାନଭାବେ ରହିଥାଏ । କିନ୍ତୁ ଏଠାରେ ଆପଣ ଯତ୍ନଶୀଳ ହେବେ ଯେଉଁକି ବାକ୍ୟାଂଶଗୁଡ଼ିକ ଉତ୍ତର ସହିତ ମିଶୁଥିବ ।

ଟିପ୍ପଣୀ – ଆପଣଙ୍କ ସମୟ ଅଭାବ କ୍ଷେତ୍ରରେ

(୧) ଏକ ରଫ୍ ଚିଠା (ଉତ୍ତର) ପ୍ରସ୍ତୁତ କରନ୍ତୁ ଯେଉଁକି ଆପଣ କିଛି ଛାଡ଼ି ଯାଇନାହାନ୍ତି ।

ଏବଂ

(୨) ଚୂଡ଼ାନ୍ତ ଚିଠା (ଉତ୍ତର) ଲେଖନ୍ତୁ ।

ବର୍ତ୍ତମାନ ଆମ ବିଶ୍ୱାସ, ଆପଣ ପ୍ରଶ୍ନର ଉତ୍ତରଗୁଡ଼ିକ ଦେବା ପାଇଁ ପ୍ରସ୍ତୁତ ।

# ଆଧୁନିକ ଇଉରୋପ : ମଧ୍ୟ ୧୮ଶ ରୁ ମଧ୍ୟ ୨୦ଶ ଶତାବ୍ଦୀ ପର୍ଯ୍ୟନ୍ତ

## ଶିକ୍ଷକ ମୂଲ୍ୟାଙ୍କିତ ପ୍ରଦତ୍ତ କାର୍ଯ୍ୟ

କୋର୍ସ କୋଡ୍ : **EHI - 07**

ପ୍ରଦତ୍ତ କାର୍ଯ୍ୟ କୋଡ୍ : **ASST/TMA/2017- 18**

ପୂର୍ଣ୍ଣ ସଂଖ୍ୟା : ୧୦୦

ଦ୍ରଷ୍ଟବ୍ୟ : ସମସ୍ତ ପ୍ରଶ୍ନ ବାଧ୍ୟତାମୂଳକ । ପ୍ରତ୍ୟେକ ପ୍ରଶ୍ନ ପାଇଁ ଉଦ୍ଦିଷ୍ଟ ନମ୍ବର ପ୍ରଶ୍ନ ପାର୍ଶ୍ୱରେ ସୂଚିତ ଦିଆଯାଇଅଛି ।

### 'କ'-ବିଭାଗ

**ପ୍ରତ୍ୟେକ ପ୍ରଶ୍ନର ଉତ୍ତର ୫୦୦ ଶବ୍ଦ ମଧ୍ୟରେ ଦିଅନ୍ତୁ ।**

୧. ୧୭୮୯ ମସିହାରେ ଫ୍ରାନ୍ସରେ ହୋଇଥିବା ବିପ୍ଳବ ପାଇଁ ଦାୟୀ କାରଣଗୁଡ଼ିକର ଆଲୋଚନା କରନ୍ତୁ । (୨୦)

କିମ୍ବା

କେଉଁସବୁ କାରଣମାନ ଇଂଲଣ୍ଡକୁ ପ୍ରଥମ ଶିଳ୍ପ ଭିତ୍ତିକ ରାଷ୍ଟ୍ର ହେବାରେ ସାହାଯ୍ୟ କରିଥିଲା ?

୨. ଆଧୁନିକ ଇଉରୋପରେ କୃଷକ ଏବଂ ଶ୍ରମିକମାନଙ୍କର ଅବସ୍ଥା ସମ୍ପର୍କରେ ଏକ ଟିପ୍ପଣୀ ଲେଖନ୍ତୁ । (୨୦)

କିମ୍ବା

ଜର୍ମାନୀରେ ଫାସୀବାଦର ବିକାଶକୁ ଆପଣ କିଭଳି ଭାବେ ବର୍ଣ୍ଣନା କରିବେ ? ଜର୍ମାନୀ ଫାସୀବାଦର ପ୍ରକୃତି କ'ଣ ଥିଲା ।

### 'ଖ' ବିଭାଗ

**ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଖାପାଖି ୨୫୦ ଶବ୍ଦ ମଧ୍ୟରେ ଦିଅନ୍ତୁ ।**

୩. ଆଧୁନିକ ଇଉରୋପରେ ଜାତୀୟତାବାଦ ଓ ଜାତି ଭିତ୍ତିକ ରାଷ୍ଟ୍ରର ବିକାଶ ସମ୍ପର୍କରେ ଆଲୋଚନା କରନ୍ତୁ । (୧୨)

କିମ୍ବା

ଇଉରୋପରେ ବୌଦ୍ଧିକ ଦାର୍ଶନିକମାନଙ୍କର ଅବଦାନ ବର୍ଣ୍ଣନା କରନ୍ତୁ ।

୪. ଜର୍ମାନୀରେ ଔଦ୍ୟୋଗିକୀକରଣ କିଭଳି ଭାବେ ଆରମ୍ଭ ହେଲା ? (୧୨)

କିମ୍ବା

ନଗର ବିକାଶ ଉପରେ ଔଦ୍ୟୋଗିକୀକରଣର ପ୍ରଭାବ ସମ୍ପର୍କରେ ସଂକ୍ଷେପରେ ଲେଖନ୍ତୁ ।

୫. ସମାଜ ଦ୍ୱାରା ନାରୀମାନଙ୍କ ଉପରେ ନ୍ୟସ୍ତ କରାଯାଇଥିବା ପାରମ୍ପରିକ ଭୂମିକାକୁ ସେମାନେ କିଭଳି ଭାବେ ପ୍ରତିରୋଧ କରିଥିଲେ ? (୧୨)

କିମ୍ବା

ଇଟାଲୀୟ ଜାତୀୟତାବାଦର ସାଂସ୍କୃତିକ ପୃଷ୍ଠଭୂମି ଉପରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଲେଖନ୍ତୁ ।

୬. ଖ୍ରୀଷ୍ଟିୟାନ ଧର୍ମ ପ୍ରଚାରକ ଗୋଷ୍ଠୀ ଓ ସାମ୍ରାଜ୍ୟବାଦ୍ ମଧ୍ୟରେ କ'ଣ ସମ୍ପର୍କ ଥିଲା ? (୧୨)

କିମ୍ବା

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସାଂସ୍କୃତିକ ପରିବର୍ତ୍ତନଗୁଡ଼ିକ ସମ୍ପର୍କରେ ସଂକ୍ଷେପରେ ଆଲୋଚନା କରନ୍ତୁ ।

## 'ଗ' ବିଭାଗ

**ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପାଖାପାଖି ୧୦୦ ଶବ୍ଦ ମଧ୍ୟରେ ଦିଅନ୍ତୁ ।** (୬+୬)

୭. ନିମ୍ନଲିଖିତ ଯେ କୌଣସି ଦୁଇଟିର ଉତ୍ତର ଦିଅନ୍ତୁ ।

(କ) ଫ୍ରାନ୍ସରେ ଜୁଲାଇ ବିପ୍ଳବ

(ଖ) ସ୍ୱାସ୍ଥ୍ୟ ପ୍ରତି ସଚେତନତା

(ଗ) ସାମ୍ରାଜ୍ୟବାଦ ସମ୍ପର୍କରେ ଲେନିନ୍‌ଙ୍କର ମତ

(ଘ) ଶୀତଳ ଯୁଦ୍ଧ